# କରୋନା ବେଳେ ମିଳିଥିଲା ଭୂତ ହିତାଧିକାରୀ ସୂଚନା

ଯାଜପୁର,୨୮।୧୨
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ପ୍ରାୟ ୪୦ ଲକ୍ଷ ଭୂତ ହିତାଧିକାରୀ ରାଶନକାର୍ଡ ହାତେଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। କରୋନା ସମୟ ଅର୍ଥାତ୍ ୨୦୨୦ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫ୍ଏସ୍ଏ)ରେ ରାଶନକାର୍ଡଧାରୀଙ୍କୁ ୧୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନରେ ଏଭଳି ଅନିୟମିତତା ହୋଇଥିବା ପ୍ରଥମେ ଜଣାପଡ଼ିଥିଲା। ଯାଜପୁର ଜିଲାର ୪,୬୪୧ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ୪୬,୪୧,୦୦୦ ଟଙ୍କା ଫେରାଇ ଦିଆଯାଇଥିବା ଏବଂ ବିନିଯୋଗ ନ ହେବାର କାରଣ ହିତାଧିକାରୀଙ୍କ ମୃତ୍ୟୁ ଏବଂ ଅନୁପସ୍ଥିତ ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଇଥିଲା। ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମଡି)ଙ୍କୁ ଯାଜପୁର ଜିଲା ଯୋଗାଣ ବିଭାଗ ପକ୍ଷରୁ ଦେଇଥିବା ରିପୋର୍ଟରେ ଏହା ସ୍ପଷ୍ଟ ବୁଝାପଡ଼ିଥିଲା। ହିତାଧିକାରୀଙ୍କ ପାଇଁ ଆସୁଥିବା ବିଭିନ୍ନ ସହାୟତା ମୃତ ଏବଂ ଅନୁପସ୍ଥିତ ଥିବା ବ୍ୟକ୍ତିଙ୍କ ନାମରେ ହରିଲୁଟ ହେଉଥିଲା ବୋଲି ଏହି ରିପୋର୍ଟରୁ ଚର୍ଚ୍ଚା ଜୋର ଧରିଥିଲା। ଏହାବାଦ ବିଭିନ୍ନ ଉପାୟରେ ଲକ୍ଷାଧିକ ଭୂତ ହିତାଧିକାରୀଙ୍କ ନାମରେ ଖାଦ୍ୟ ସାମଗ୍ରୀ ଲୁଟ ହୋଇ ଆସୁଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଛି। ସେତେବେଳେ ଏନେଇ ଲୋକାୟୁକ୍ତ ସମେତ ବିଭିନ୍ନସ୍ତରରେ ଅଭିଯୋଗ ହୋଇଥିଲେ ମଧ୍ୟ ଘଟଣାକୁ ପ୍ରଶାସନସ୍ତରରେ କଳେବଳେ କୌଶଳେ ଚାପି ଦିଆଯାଇଥିଲା ବୋଲି ଚର୍ଚ୍ଚା ହୋଇଥିଲା। ତେବେ ୪ ବର୍ଷ ପରେ ଖୋଦ ବିଭାଗୀୟ ମନ୍ତ୍ରୀ ଏନେଇ ମୁହଁ ଖୋଲିବା ଘଟଣା ନିଆଁରେ ଘିଅ ଢାଳିବା ସଦୃଶ ହୋଇଛି ବୋଲି ମତପ୍ରକାଶ ପାଇଛି। ଏହାର ଇ-କେୱାଇସି ଚାଲିଥିବାରୁ ଆଗକୁ ଭୂତ ହିତାଧିକାରୀଙ୍କ ଗୁମର ଖୋଲିବ ଆଶା ପ୍ରକାଶ ପାଇଛି।

ରାଜ୍ୟରେ ୨ ଲକ୍ଷ ଜାଲ ରାଶନକାର୍ଡ ଜରିଆରେ ପ୍ରାୟ ୨୦୦ କୋଟି ଟଙ୍କାର ଖାଦ୍ୟ ସାମଗ୍ରୀ ଲୁଟ୍ କରାଯାଇଥିବା ନେଇ ଲୋକାୟୁକ୍ତଙ୍କଠାରେ (ଏଲୱାଇ-୧୨୩/୨୦୨୧)ରେ ଏକ ମାମଲା ରୁଜୁ ହୋଇଥିଲା। ଲୋକାୟୁକ୍ତଙ୍କଠାରେ ହୋଇଥିବା ଅଭିଯୋଗ ଅନୁଯାୟୀ

## ଯାଜପୁର ଜିଲା ଯୋଗାଣ ବିଭାଗ

ଲକ୍‌ଡାଉନ୍ ସମୟରେ ଏନ୍ଏଫ୍ଏସ୍ଏ ଓ ଏସ୍ଏଫ୍ଏସ୍ଏ ଅଧୀନରେ ରାଜ୍ୟ ସରକାର ସମସ୍ତ ୩୦ ଜିଲାର ପ୍ରାୟ ୯୫ ଲକ୍ଷ ପରିବାରଙ୍କୁ ଚାଉଳ/ଗହମ ମୁଣ୍ଡପିଛା ୫ କେଜି ଏବଂ କିରୋସିନ ରାଶନ କାର୍ଡ ପିଛା ୨ ଲିଟର ଲେଖାଏ ବଣ୍ଟନ କରିଥିଲେ। ଏହାବାଦ୍ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ୨୦୨୦ ଏପ୍ରିଲ-ଜୁନ ପର୍ଯ୍ୟନ୍ତ ମାଗଣାରେ ହିତାଧିକାରୀ ପିଛା ୫ କେଜି ଲେଖାଏ ଚାଉଳ/ଗହମ ବଣ୍ଟନ ହୋଇଥିଲା। ଅନୁରୂପ ଭାବେ ୬।୪।୨୦୨୦ରେ ମୁଖ୍ୟମନ୍ତ୍ରୀ ରାଶନକାର୍ଡ ପିଛା ୧୦୦୦ ଟଙ୍କା ଲେଖାଏ ଦେବାକୁ ଘୋଷଣା କରିଥିଲେ। ତଦନୁସାରେ ରାଜ୍ୟ ସରକାର ୯୫ ଲକ୍ଷ ରାଶନକାର୍ଡଧାରୀଙ୍କ ପାଇଁ ୯୫୫ କୋଟି ଟଙ୍କା ଏକକାଳୀନ ପ୍ରଦାନ କରିଥିଲେ। ଏଥିରେ ଯାଜପୁର ଜିଲା ଯୋଗାଣ ବିଭାଗ ୪୧ କୋଟି ୫୩ ଲକ୍ଷ ୭୭ ହଜାର ଟଙ୍କା ଗ୍ରହଣ କରିଥିଲା। ଏହି ସମସ୍ତ ଅର୍ଥ ୧୦ ବ୍ଲକର ବିଡିଓ ଏବଂ ୨ ପୌରାଞ୍ଚଳର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏନ୍ଏଫ୍ଏସ୍ଏରେ ୩,୯୧,୯୪୯ ଜଣ ହିତାଧିକାରୀଙ୍କୁ ୩୯ କୋଟି ୧୯ ଲକ୍ଷ ୪୯ ହଜାର ଟଙ୍କା ଏବଂ ଏସ୍ଏଫ୍ଏସ୍ଏସ୍‌ରେ ୧୮,୭୮୭ ଜଣ ହିତାଧିକାରୀଙ୍କୁ ୧ କୋଟି ୮୭ ଲକ୍ଷ ୮୭ ହଜାର ଟଙ୍କା ହିସାବରେ ସମୁଦାୟ ୪,୧୦,୭୩୬ ହିତାଧିକାରୀଙ୍କୁ ୪୧ କୋଟି ୭ ଲକ୍ଷ ୩୬ ହଜାର ଟଙ୍କା ବଣ୍ଟନ ହୋଇଥିଲା। ସରକାରଙ୍କଠାରୁ ଗ୍ରହଣ କରାଯାଇଥିବା ମୋଟ ଅର୍ଥରୁ ୨୬ ଲକ୍ଷ ୪୫ ହଜାର ଟଙ୍କା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ ଫେରାଇ ଦିଆଯାଇଥିଲା। ପୁଣି ୧୯ ଲକ୍ଷ ୯୬ ହଜାର ଟଙ୍କା ବିନିଯୋଗ ହୋଇ ପାରି ନ ଥିବା ଦର୍ଶାଯାଇଥିଲା। ଏଭଳି ଭାବେ ସମୁଦାୟ ୪୬ ଲକ୍ଷ ୪୧ ହଜାର ଟଙ୍କା ହିତାଧିକାରୀଙ୍କ ମୃତ୍ୟୁ ଏବଂ ଅନୁପସ୍ଥିତ ଥିବା ରିପୋର୍ଟରେ ଦର୍ଶାଇ ବିନିଯୋଗ ପତ୍ର ପ୍ରଦାନ କରାଯାଇଥିଲା। ଏଭଳି ଭାବେ ୧୦୦୦ ଟଙ୍କା ଲେଖାଏ କୋଭିଡ ସହାୟତା ପ୍ରଦାନ କରିବାକୁ ଜିଲାର ୪୬୪୧ ଜଣ ହିତାଧିକାରୀଙ୍କ ସନ୍ଧାନ ମିଳି ପାରି ନ ଥିଲା। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଉପରୋକ୍ତ ବ୍ୟକ୍ତିଙ୍କ ନାମରେ ଜାଲ ରାଶନକାର୍ଡ ତିଆରି କରି ଏନ୍ଏଫ୍ଏସ୍ଏ ଓ ଏସ୍ଏଫ୍ଏସ୍ଏ ଅଧୀନରେ ପିଡିଏସ୍ ଖାଦ୍ୟ ସାମଗ୍ରୀ ସମେତ ଅନ୍ୟାନ୍ୟ ସହାୟତା ବିଭାଗୀୟ ଅଧିକାରୀ ଓ ଡିଲରଙ୍କ ଦ୍ୱାରା ଲୁଟ୍ କରାଯାଇ ଆସୁଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଯଦି ଉପରୋକ୍ତ ପରିମାଣର ଅର୍ଥ ପ୍ରଦାନ କରାଯାଇପାରିଲା ନାହିଁ, ତେବେ କିପରି ଭାବେ ଏନ୍ଏଫ୍ଏସ୍ଏ ଓ ଏସ୍ଏଫ୍ଏସ୍ଏ ହିତାଧିକାରୀଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ ଖାଦ୍ୟ ସାମଗ୍ରୀ କରୋନା ସମୟରେ ବଣ୍ଟନ କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏଭଳି ଅଭିଯୋଗକୁ ନେଇ ଯେହେତୁ ସେତେବେଳେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଏବେ ବି ସେଭଳି ଅନିୟମିତତା ଚାଲିଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଶନିବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲକ୍ଷିତ



@ ବର୍ଷା



@ ଦେବରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି ପ୍ରବୀଣ ଭାଇ ତୋଗାଡ଼ିଆଙ୍କ ଯାଜପୁର ଗସ୍ତ

ଯାଜପୁର ଟାଉନ,୨୮।୧୨(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ଭାଇ ତୋଗାଡ଼ିଆ ୨୯ତାରିଖ(ରବିବାର) ଦିନିକିଆ ଯାଜପୁର ଗ୍ରସ୍ତରେ ଆସୁଛନ୍ତି। ଏନେଇ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଯାଜପୁର ମାର୍ଗଦର୍ଶକ ଅରବିନ୍ଦ ଦାସ ଯାଜପୁର ସହର ସନ୍ନିକଟ ହନୁମାନ ଛକରେ ଥିବା ଜିଲା କାର୍ଯ୍ୟାଳରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।

ତୋଗାଡ଼ିଆ ସହରର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ଉଦ୍‌ବୋଧନ କରିବେ ଏବଂ ପରେ ବିରଜା ପାନ୍ଥଶାଳାରେ ଏକ ଖରବାଦାତା ସମ୍ମିଳନୀରେ ଯୋଗଦେବା ସହ ମା' ବିରଜାଙ୍କ ଦର୍ଶନ କରିବେ। ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲା କାର୍ଯ୍ୟାଳୟକୁ ଗସ୍ତକରି ବୁଦ୍ଧିଜିବୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବେ। ତାଙ୍କୁ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ଅଣାଯିବ। ଏଥିପାଇଁ ସୁବନ୍ଦୋବସ୍ତ ହୋଇଛି ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଗୋ-ରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଇରାଙ୍କ ଗୀତରେ ଝୁମିଲେ ଦର୍ଶକ



କଣ୍ଠଶିଳ୍ପୀ ଇରା ମହାନ୍ତି ସଙ୍ଗୀତ ପରିବେଷଣ କରୁଛନ୍ତି।

### ୧୭ତମ କୁଆଖିଆ ମହୋତ୍ସବର ୫ମ ସନ୍ଧ୍ୟା

ରସୁଲପୁର,୨୮।୧୨(ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ମେଲଣ ପଡ଼ିଆରେ ଚାଲିଥିବା ୧୭ତମ କୁଆଖିଆ ମହୋତ୍ସବର ଶନିବାର ୫ମ ସନ୍ଧ୍ୟା ମଞ୍ଚରେ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ତାଙ୍କର ସାଥୀଙ୍କ ଦ୍ୱାରା ସଂଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଛି। ଇରାଙ୍କ ସଂଗୀତର ମୂର୍ଚ୍ଛନାର ତାଳେତାଳେ ଦର୍ଶକ ଝୁମିଛନ୍ତି। ଯୁବ ଦର୍ଶକମାନେ ଇରାଙ୍କ ମନଛୁଆଁ ଗୀତର ମଜା ନେଇଛନ୍ତି। ଦର୍ଶକଙ୍କମନ ପସନ୍ଦ ଗୀତ ଓ ନୃତ୍ୟକୁ ମେଲୋଡି ଟ୍ରୁପ୍ ପକ୍ଷରୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶୀତର ପ୍ରକୋପ ବଢ଼ିବା ସହ ମହୋତ୍ସବ ପଡ଼ିଆରେ ଦର୍ଶକମାନଙ୍କ ଭିଡ଼ ଜମିଥିଲା। କୁଆଖିଆ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏହାଛଡ଼ା ମହୋତ୍ସବ ପଡ଼ିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀମାନେ ଦର୍ଶକଙ୍କୁ ସୁବିଧାରେ ମହୋତ୍ସବ ଉପଭୋଗ କରିବା ଦିଗରେ ସହାଯ୍ୟ ପ୍ରଦାନ କରୁଛନ୍ତି। ଦୋଳି, ମୀନାବଜାର ଓ ଫାଷ୍ଟଫୁଡ୍ ଆଦି ଦୋକାନରେ ଦର୍ଶକଙ୍କ ଭିଡ଼ ଜମୁଥିବା ଲକ୍ଷ୍ୟ କରାଯାଉଛି। ମହୋତ୍ସବ କମିଟିର ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ, ମହାସଚିବ ଅରୁଣ ସାହୁ, ସମ୍ପାଦକ ସନ୍ତୋଷ ରାଉତ, ସଭାପତି ଶିଶିର ମହାନ୍ତି, କାର୍ଯ୍ୟକର୍ତ୍ତା ଦିଲୀପ ଦାସ, ଗଦାଧର ଦାଶ, ସଞ୍ଜୀବ ସାମଲ, ଉମେଶ ପଲେଇ, ଶଶାଙ୍କ ଶେଖର ରାଉତ ଓ ମିଟୁ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହୀରକ ତ୍ରିଭୁଜ ଆସିବେ ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ

ଚଣ୍ଡିଖୋଲ,୨୮।୧୨(ପ୍ରଦୀପ୍ତକୁମାରପୃଷ୍ଟି): ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠଭାବେ ପରିଚିତ ହୀରକ ତ୍ରିଭୁଜ (ଲଳିତଗିରି, ଉଦୟଗିରି ଓ ରତ୍ନଗିରି)କୁ ଜାନୁଆରୀରେ ଆସିବେ ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ। ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ମହାବୋଧି ସୋସାଇଟି ସହଯୋଗରେ ଥାଇଲାଣ୍ଡ, ଭୁଟାନ, ନେପାଳ, ଶ୍ରୀଲଙ୍କା ଓ ଜାପାନ ଆଦି ବହୁ ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟରୁ ସେମାନେ ଆସିବେ ବୋଲି ଏହି କାର୍ଯ୍ୟକ୍ରମର ସଂଯୋଜକ ପ୍ରକାଶ ନାୟକ ସୂଚନା ଦେଇଛନ୍ତି। ଜାନୁଆରୀ ୧୨ରୁ୧୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ସେମାନେ ଏଠାରେ ରହିବେ। ଭଗବାନ୍ ତଥାଗତ ବୁଦ୍ଧଙ୍କ ପରମ ଶିଷ୍ୟ ଗୁରୁ ପଦ୍ମସମ୍ଭବଙ୍କ ନାମରେ ନାମିତ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଉଦୟଗିରିଠାରେ ଥିବା ମହାବିହାର ପରିସରରେ ଦୈନିକ ପ୍ରାର୍ଥନା କରାଯିବ। ଏଥିସହିତ ସେମାନେ ରତ୍ନଗିରି ଓ ଲଳିତଗିରି ପରିଦର୍ଶନରେ ଯିବେ। ସେଠାରେ ଥିବା ସ୍ତୁପ ପରିକ୍ରମା କରି ପ୍ରାର୍ଥନା କରିବେ। ଉଦୟଗିରିଠାରେ ଆବିଷ୍କୃତ ସିଂହପ୍ରସ୍ତ ମହାବିହାର ଓ ମାଧବପୁର ମହାବିହାରରେ ପ୍ରଶସ୍ତ ସ୍ଥାନ ରହିଥିବାରୁ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯିବ। ସେମାନଙ୍କ ରହିବା ଓ ଖାଇବା ପାଇଁ ବ୍ୟବସ୍ଥା ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ। ଏଥିନେଇ ଯାଜପୁର ଜିଲାପାଳ ଓ ପର୍ଯ୍ୟଟନ ବିଭାଗ ସଚିବ ଘନଘନ ଗସ୍ତ କରି କାର୍ଯ୍ୟ ତଦାରଖ କରୁଛନ୍ତି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ମଧ୍ୟ ଆସି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତୁତି ବୈଠକ ଜରିଆରେ ସମୀକ୍ଷା କରିବେ ବୋଲି ସୂଚନା ମିଳିଛି। ଖ୍ରୀଷ୍ଟ ପୂର୍ବ ୨ୟ ଶତାବ୍ଦୀରୁ ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧ ଯୁଗୀୟ ବହୁ କୀର୍ତ୍ତିରାଜି ଏଠାରୁ ଆବିଷ୍କୃତ ହୋଇଛି। ଏପରିକି ତଥାଗତ ବୁଦ୍ଧଙ୍କ ଅସ୍ଥି ଲଳିତଗିରିରୁ ଆବିଷ୍କୃତ ହୋଇ ସେଠାରେ ବୁଲେଟ ପ୍ରୁଫ ସଂଗ୍ରହାଳୟରେ ରଖାଯାଇଛି। ପାରାଭାଡ଼ି ବୌଦ୍ଧସ୍ତୁପ ଓ ଲଳିତଗିରିର ବୌଦ୍ଧ ସ୍ତୁପ ବହୁ ପ୍ରାଚୀନ ବୋଲି ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି।

## ବଡ଼ଚଣା ଥାନାରେ ଯୋଗଦେଲେ ନୂତନ ଥାନା ଅଧିକାରୀ

ଚଣ୍ଡିଖୋଲ,୨୮।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନାରେ ନୂତନ ଥାନାଧିକାରୀ ଭାବେ ଅସିତ କୁମାର ବଳବନ୍ତରାୟ ଶନିବାର ଯୋଗ ଦେଇଛନ୍ତି।



ଏଠାରେ ଥିବା ଥାନାଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କ କେନ୍ଦ୍ରାପଡ଼ା ଜିଲାକୁ ବଦଳି ହୋଇଛି। ଅସିତ ଏହା ପୂର୍ବରୁ କିଛି ମାସ ଧରି ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇବା ପରେ ଯାଜପୁର ଏସ୍‌ପି ତାଙ୍କୁ ବଡ଼ଚଣା ଥାନାରେ ନିଯୁକ୍ତି ଦେଇଛନ୍ତି। ପ୍ରଥମେ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଦୃଷ୍ଟିଦେଇ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ସହିତ ସେମାନଙ୍କ ନିକଟତର ହେବେ ବୋଲି ଅସିତ ପ୍ରକାଶ କରିଛନ୍ତି।

## ପ୍ରତିଭା ଦେଖାଇଲେ ସ୍କୁଲ ପିଲା

### ଧର୍ମଶାଳା ମହୋତ୍ସବର ତୃତୀୟ ସନ୍ଧ୍ୟା

ଧର୍ମଶାଳା/କାଏମା,୨୮।୧୨(ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି): ଧର୍ମଶାଳା ମହୋତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ ଖୋଲା ମୁକ୍ତାକାଶ ରଙ୍ଗମଞ୍ଚରେ ବିଭିନ୍ନ ସ୍କୁଲ୍ ପିଲାଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହା ମାଧ୍ୟମରେ ପିଲାମାନେ ସେମାନଙ୍କର ପ୍ରତିଭା ଦେଖାଇଛନ୍ତି। ପ୍ରତିଯୋଗିତାରେ ଦେଉଳିସ୍ଥିତ ଆଦର୍ଶ ବିଦ୍ୟାଳୟ, କୁମାରୀ ପ୍ରକଳ୍ପ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବିବେକାନନ୍ଦ ଶିକ୍ଷା ନିକେତନ, କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲ, ଧର୍ମଶାଳା ବାଣୀପୀଠ, ଧର୍ମଶାଳା ପବ୍ଲିକ ସ୍କୁଲ, ଗୁରୁକୁଳ ପବ୍ଲିକ ସ୍କୁଲ, ଭେଙ୍କେଟଶ୍ୱର ପବ୍ଲିକ ସ୍କୁଲ, କଲର କ୍ଲାଉଡ ପବ୍ଲିକ ସ୍କୁଲ, ଜାରକା ୟୁପି ସ୍କୁଲ, ଜାରକା ହାଇସ୍କୁଲ, ଝଟିଆ ପ୍ରକଳ୍ପ ବିଦ୍ୟାଳୟ, ଦୁର୍ଗାପୁର ୟୁପି ସ୍କୁଲ ଆଦିର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିନେ ତାରକା ସନ୍ଦୀପ ପରିଡ଼ା, ଜୟ ସାମନ୍ତ ଓ ମନୋଜ ରଣା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବ୍ରହ୍ମବରଦାସ୍ଥିତ ସତ୍ୟସାଇ ସଙ୍ଗଠନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କମିଟି ସଭାପତି ରବିନାରାୟଣ ସାହୁ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ଉପସଭାପତି ସର୍ବେଶ୍ୱର ବେହୁରା, ସମ୍ପାଦକ ଜିତେନ୍ଦ୍ର ରାଉତ, ସଂଯୋଜକ ଦେବରାଜ ମିଶ୍ର, ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଧର୍ମଶାଳା ମହୋତ୍ସବରେ ସ୍କୁଲ ପିଲା ନୃତ୍ୟ ପରିବେଷଣ କରୁଛନ୍ତି।

## ତୃତୀୟରେ ସାଇସ୍ୱରୂପ, ପଞ୍ଚମରେ ଶୁଭଶ୍ରୀ ପ୍ରଥମ

### ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ

ଝୁମ୍ପୁରୀ,୨୮।୧୨(ସରୋଜ ନାୟକ): ଦଶରଥପୁର ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ତୃତୀୟ ଶ୍ରେଣୀ ପାଇଁ ହୋଇଥିବା ପରୀକ୍ଷାରେ ଦଶରଥପୁର ଶିକ୍ଷା ଭାରତୀ ବିଦ୍ୟା ମନ୍ଦିରର ଛାତ୍ର ସାଇସ୍ୱରୂପ ଦାସ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟରେ ଥାଲକୁଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ବିଭୁଦତ୍ତ କର, ତୃତୀୟରେ ଶିକ୍ଷା ଭାରତୀ ବିଦ୍ୟା ମନ୍ଦିର ଦଶରଥପୁରର ରେୟାନ୍ସ ରାଜୀବ ଗିରି, ଚତୁର୍ଥରେ ଥାଲକୁଡ଼ି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସ୍ୱାତୀ ପଟ୍ଟନାୟକ, ପଞ୍ଚମରେ ସେହି ବିଦ୍ୟାଳୟର ଛାତ୍ର ସାଇ ସନ୍ତୋଷୀ ସ୍ୱାଇଁ, ଷଷ୍ଠରେ ବଉଳାଙ୍ଗ ଉପ୍ରା ବିଦ୍ୟାଳୟର ଛାତ୍ର ଦୀପଙ୍କର ଶତପଥୀ ଓ ସପ୍ତମରେ ପାରିପଦା ଉପ୍ରା ବିଦ୍ୟାଳୟର ଛାତ୍ର ଆଦିତ୍ୟ କୁମାର ସାହୁ ରହିଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ପାଇଁ ମେଧାବୃତ୍ତି ପରୀକ୍ଷା ଦେଇଥିବା କେସି ଜେନା ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ନାୟକ ପ୍ରଥମ ହୋଇଥିବାବେଳେ ବିରଜାପୁର ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ର ବିବେକ କୁମାର ରାଉତରାୟ ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଥାଲକୁଡ଼ିର ଛାତ୍ର ସାଇକୃଷ୍ଣ ପୃଷ୍ଟି ତୃତୀୟ, ବିରଜାପୁର ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ର ସୂର୍ଯ୍ୟପ୍ରକାଶ ଦାସ ଚତୁର୍ଥ, ଜୁନିଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୋନାକ୍ଷୀ ସାମଲ ପଞ୍ଚମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାହାସୋଇର ଛାତ୍ରୀ ଶ୍ରୀୟା ସାହୁ ଷଷ୍ଠ ଓ ଆନ୍ଦୋଳା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସ୍ନେହାଶ୍ରୀ ରାଉତରାୟ ସପ୍ତମ ସ୍ଥାନରେ ରହିଛନ୍ତି।

## ଶତାୟୁଙ୍କ ପରଲୋକ

ଯାଜପୁର ଟାଉନ,୨୮।୧୨
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ବ୍ଲକ୍ ସିମିଳିଆ ପଞ୍ଚାୟତ ଷଠିଆଟିକିରି ଗ୍ରାମର ଖବରଦାତା ନିଞ୍ଜନ ପଣ୍ଡାଙ୍କ ପିତା କାହ୍ନୁଚରଣ ପଣ୍ଡା(୧୦୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ସମାଜସେବୀ ଭାବେ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କନିଷ୍ଠ ପୁତ୍ର ପ୍ରମୋଦ ପଣ୍ଡା ମୁଖାଗ୍ନି ଦେଇଥିଲେ।



ପଣ୍ଡାଙ୍କ ମୃତ୍ୟୁ ଖବର ପାଇ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ବ୍ଲକ୍ ବିଜେଡି ନେତା ଅଜୟ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ ଏକ ଶୋକବାର୍ତ୍ତାରେ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ।

## ଚାଷୀ ସଚେତନତା ପ୍ରଚାର ରଥ ଶୁଭାରମ୍ଭ

ଯାଜପୁର ଟାଉନ,୨୮।୧୨
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ଓ ଯାଜପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ୨ ଚାଷୀ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଯୋଗଦେଇ ପତାକା ଦେଖାଇ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର ସାମଲ, ଜିଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ ଓ ଜିଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଏହି ରଥ ଜିଲାର ୧୦ ବ୍ଲକ୍ ପରିକ୍ରମା କରି ଧାନର ଏଫ୍ଏକ୍ୟୁମାନ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇବ।





ଚଳିତ ଖରିଫ ବର୍ଷ ୨୦୨୪-୨୫ ନିମନ୍ତେ ପଞ୍ଜୀକୃତ ଚାଷୀଙ୍କଠାରୁ ୧୨୮ ପ୍ରାଥମିକ କୃଷି ସମବାୟ ସମିତି ଓ ୩୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନକ୍ରୟ କରାଯିବ। ପଞ୍ଜୀକୃତ ଚାଷୀ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତି କିମ୍ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଟୋକନ ସଂଗ୍ରହ କରିବେ। ଟୋକନ୍ ନମ୍ବର, ତାରିଖ, ଧାନର ପରିମାଣ ଅନୁସାରେ ଧାନ ବିକ୍ରି କରିବେ। ଏତଦ୍‌ବ୍ୟତୀତ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଏବଂ ଜିଲାର ପ୍ରମୁଖ ସ୍ଥାନରେ ହୋର୍ଡିଂ ଲଗାଯାଇଛି। ରଥ ପରିକ୍ରମା ସମୟରେ ଚାଷୀଙ୍କୁ ଲିଫଲେଟ ବଣ୍ଟନ କରାଯିବ। ଜିଲାରେ ଧାନ ସଂଗ୍ରହ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସୂଚନା ଦିଆଯାଇଛି।

## ଧର୍ମଶାଳା ବାଣୀପୀଠରେ ପ୍ରତିଷ୍ଠା ଦିବସ

ଧର୍ମଶାଳା,୨୮।୧୨(ବଟକୃଷ୍ଣ ପରିଡା): ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ୧୪ତମ ଓ ବାଣୀପୀଠର ୭୭ତମ ପ୍ରତିଷ୍ଠା ଦିବସ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଡା. ବିଜୟ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫେସର ସନ୍ତୋଷ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଧନେଶ୍ୱର ସାହୁ ଯୋଗଦେଇ ବାଣୀପୀଠର ଇତିହାସ ଓ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରକାଶିତ ସ୍ମରଣିକା 'ବାଣୀବିତାନ' ଓ ସ୍ମୃତିରେ ଧର୍ମଶାଳା ବାଣୀପୀଠ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍କୁଲର ପୂର୍ବତନ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ଭଞ୍ଜନା ସାହୁ, ଆରତି ବେହୁରା ଓ ୧୯୬୩ ବ୍ୟାଚର ପୁରାତନ ଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲର ଛାତ୍ର ଅଶିଷ ସାହୁଙ୍କୁ ମେଧା ବୃତ୍ତି, ପ୍ରାଚୀ ଶତପଥୀଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ର ସ୍ମୃତି, ସତ୍ୟଜିତ ସାହୁ ଓ ରୋହିତ ପ୍ରଧାନଙ୍କୁ ଇଂ. ବୈକୁଣ୍ଠନାଥ ନାୟକ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ବାଣୀପୀଠର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିଲାବେଳେ ପ୍ରଧାନଶିକ୍ଷକ ବାସୁଦେବ ରାଉଳ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। କବି ଅର୍ଜୁନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଖବରଦାତା ଅବିନେଶ୍ୱର ଶତପଥୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣକରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବ୍ଲକସ୍ତରୀୟ ବକ୍ତୃତା, ଓଡ଼ିଆ ପ୍ରବନ୍ଧ ଲିଖନ, ଇଂଲିଶ ପ୍ରବନ୍ଧ ଲିଖନ, ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଆଦିକନ୍ଦ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।





ବାଣୀପୀଠର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ।

# ଚାଷୀ ପାଣିରୁ ଛାଣୁଛି ଧାନ

ମହାକାଳପଡ଼ା,୨୮।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ସୁନିତି ପଞ୍ଚାୟତ ବେଣାକନ୍ଧା ବଜାର ନିକଟ ଜମିରୁ ଚାଷୀମାନେ ଧାନକୁ ପାଣିରୁ ଛାଣି ଉପରକୁ ଆଣୁଛନ୍ତି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ଷାରେ ପାଚିଲା ଧାନ ଫସଲର ବ୍ୟାପକ କ୍ଷତି ଘଟିଛି । ଚାଷୀମାନଙ୍କ ବର୍ଷକର ରୋଜଗାର ପାଣିରେ ପଡିଛି । ଖରିଫ ଧାନ ଫସଲ ଉପରୁ ଚାଷୀମାନେ ଆଶା ତୁଟାଇ ସାରିଛନ୍ତି । ଏବେ ବି ବିଲରେ ଜମିଥିବା ବର୍ଷା ପାଣିରେ ପାଚିଲା ଧାନ ଭାସୁଛି। ଭିଜି ରହିଥିବା ପାଚିଲା ଧାନ ଖରା ଖାଇବା ପରେ ସେଥିରୁ ଗଜା ବାହାରିଲାଣି ବୋଲି ଚାଷୀମାନେ ଦୁଃଖର ସହ କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ସୁନିତି ପଞ୍ଚାୟତର ବେଣାକନ୍ଧା ବଜାର ନିକଟ ମାନ୍ନାପଡ଼ାର ଚାଷୀ ଦିଲୀପ ମାନ୍ନା , ସବିତା ମାନ୍ନା , ଭାନୁ ମାଇତି , ଶମ୍ଭୁ ମଣ୍ଡଳ , ପବିତ୍ର ମଣ୍ଡଳ , ଦୀପଙ୍କର ମାନ୍ନା ସମେତ ବହୁ ସଂଖ୍ୟାରେ ଚାଷୀଙ୍କ ଧାନ ଫସଲ ପାଣିରେ ପଡ଼ି ଗଜା ହେଲାଣି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷୟକ୍ଷତି ଆକଳନ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ ମଧ କୌଣସି ସରକାରୀ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ନାହାଁନ୍ତି ବୋଲି ଚାଷୀମାନେ କହିଛନ୍ତି ।

ବ୍ଲକର ୩୧ ପଞ୍ଚାୟତର ୨୪ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା । ସେଥିରୁ ୮୦ ପ୍ରତିଶତ ପାଚିଲା ଧାନ ନଷ୍ଟ ହୋଇଛି ବୋଲି ହରି ଗୋଚ୍ଛାୟତ , ଶିଶିର ମହାପାତ୍ର , ଧୀରେନ୍ଦ୍ର କୁମାର ବେହେରା , ସାଗର ବେହେରା , ଅରବିନ୍ଦ ଦାସ ପ୍ରମୁଖ କହିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ ସହିତ ସର୍ଭେ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ , ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ସରକାରୀ ରିଲିଫ କୋର୍ଡ ଅନୁସାରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁନିତି ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋଜ ପାତ୍ର ଦାବି କରିଛନ୍ତି ।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପଚରିବାରୁ ସେ କହିଛନ୍ତି, ଶନିବାରଠାରୁ କ୍ଷୟକ୍ଷତି ସର୍ଭେ ଆରମ୍ଭ ହୋଇଛି । ପ୍ରତିଦିନ ରାତିରେ ରିପୋର୍ଟର ସମୀକ୍ଷା କରାଯାଉଛି । ଯେଉଁ ଧାନ ଏବେ ବି ବିଲରେ ବୁଡି ରହିଛି ସେମାନଙ୍କ ରିପୋର୍ଟ ପ୍ରାଥମିକ ଭାବେ ପ୍ରସ୍ତୁତ କରାଯାଉଛି। ପାଣିରେ ଭିଜୁଥିବା ଧାନ ୩୦ ପ୍ରତିଶତରୁ ଅଧିକ ଖରାପ ହେଲେ ଆମେ ତାକୁ କ୍ଷତି ବୋଲି ଦର୍ଶାଇ ପାରିବା ବୋଲି ଜିଲାପାଳ ପ୍ରଧାନ ସୂଚନା ଦେଇଛନ୍ତି ।

## ମନମୋହନଙ୍କୁ ବ୍ଲକ କଂଗ୍ରେସର ଶ୍ରଦ୍ଧାଞ୍ଜଳି

ରାଜକନିକା,୨୮।୧୨(ସଞ୍ଜୟ କୁମାର ଦାଶ)

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅଶୋକ ବଜାରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବରିଷ୍ଠ ପିସିସି ସଭ୍ୟ ବାବୁରାମ ଜେନା, ବରିଷ୍ଠ ନେତା ଦୁର୍ଯ୍ୟୋଧନ ମହାନ୍ତି, ରାମଚନ୍ଦ୍ର ପୃଷ୍ଟି, ମୁରଲୀଧର ନାୟକ, ସତ୍ୟବ୍ରତ ପରିଡ଼ା, ଅଜୟ ଦାସ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରମୋଦ ପତି, ସୂର୍ଯ୍ୟକାନ୍ତ ଦାସ, ଶରଣ ନାୟକ ଓ ରଞ୍ଜନ ସେଠୀଙ୍କ ସମେତ ବହୁ କଂଗ୍ରେସ ନେତା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମନମୋହନ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଅର୍ଥନୈତିଜ୍ଞ, ବିଜ୍ଞ ରାଜନୈତିଜ୍ଞ ଥିଲେ ବୋଲି ବକ୍ତାମାନେ କହିଥିଲେ । ତାଙ୍କ ଦେହାନ୍ତ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବ୍ଲକ କଂଗ୍ରେସ ସଭାପତି ବେହେରାଙ୍କ ସମେତ ଉପସ୍ଥିତ ନେତା ଓ କର୍ମୀମାନେ ମତବ୍ୟକ୍ତ କରିଥିଲେ ।

## ଫସଲହାନି କ୍ଷତିପୂରଣ ମାନଦଣ୍ଡ ସ୍ୱଷ୍ଟ କରନ୍ତୁ ସରକାର


ମୃତ ଚାଷୀଙ୍କ ପରିବାର ସଦସ୍ୟଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ଡେରାବିଶ,୨୮।୧୨(ବେବର୍ତ୍ତା ଅଜୟ ଦାସ)

**ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ପାଟକୁରା ବିଧାୟକ**

ଅଦିନିଆ ବର୍ଷାରେ ଉପକୂଳବର୍ତ୍ତୀ ଡେରାବିଶ ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲହାନୀ ହୋଇଛି। ଫସଲହାନୀ ପାଇଁ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ସଛପୁରା ଗ୍ରାମର ଚାଷୀ ଭାବଗ୍ରାହୀ ମଲିକଙ୍କ ଗତ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ଏହି ଖବର ପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଶନିବାର ମୃତକ ଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ କହିଛନ୍ତି, ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ କେଉଁ ମାନଦଣ୍ଡରେ ଫସଲହାନୀ ସହାୟତା ଯୋଗାଇ ଦେବେ ସେ ନେଇ କୌଣସି ନୀତି ସ୍ୱଷ୍ଟ କରି ନାହାନ୍ତି । ଭାଗଗ୍ରାହୀ ନିଜର ସ୍ୱଳ୍ପ ଜମି ଓ ଗ୍ରାମର କେତେଜଣଙ୍କ ଜମିରେ ଭାଗଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଲଗାଣ ବର୍ଷାରେ ତାଙ୍କ ଫସଲ ନଷ୍ଟ ହୋଇଯାଇଥିବା ଦେଖି ତାଙ୍କର ହୃଦ୍‌ଘାତଜନିତ ମୃତ୍ୟୁ ହୋଇଥିଲା। ତୁରନ୍ତ ଏହି ପରିବାରକୁ କ୍ଷତିପୂରଣ ଦେବା ପାଇଁ ବିଧାୟକ ଦାବି କରିଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ସମବାୟବିତ୍ ଭାଗିରଥି ସାହୁ, ସରୋଜକାନ୍ତ ନାୟକ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ଆଇନଜୀବୀ ମମତାମୟୀ ସାମଲ, ଦିଲୀପ ଦାସ ଓ ଭବାନୀ ପ୍ରସାଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆବର୍ଷ ତୋରଣ ବନ୍ଧାକୁ ନେଇ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ

ଆଳି,୨୮।୧୨(ବନମାଳୀ ସେନାପତି)

**ଆଳିରେ ୧୬୩ ଧାରା ଜାରି, ବ୍ୟାପକ ପୋଲିସ ମୁତୟନ**

ଗତ ୨୬ ତାରିଖ ସନ୍ଧ୍ୟାରୁ କେନ୍ଦ୍ରାପଡ଼ା ଜିଲା ଆଳି ନୂଆ ବଜାରରେ ନୂଆବର୍ଷ ତୋରଣ ବନ୍ଧାକୁ ନେଇ ବିଜେଡି-ଭାଜପା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ସମସ୍ତ ଉଦ୍ୟମ ବ୍ୟର୍ଥ ହେବା ପରେ ଶୁକ୍ରବାର ରାତିରେ ତହସିଲଦାର ଆଳି ନୂଆବଜାର ଦୁର୍ଗାମଣ୍ଡପ ଛକ ନିକଟରେ ୧୬୩(ଭାରତୀୟ ନାଗରିକ ସୁରକ୍ଷା ସଂହିତା)(ବିଏନ୍‌ଏସ୍‌ଏସ୍)ଧାରା ଜାରି କରିଛନ୍ତି । ଘଟଣାସ୍ଥଳରେ ଗତ ୨ଦିନ ହେଲା ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଅପରପକ୍ଷେ ଦୁର୍ଗା ମଣ୍ଡପ ଛକରେ ଭାଜପା ତୋରଣ ନିମନ୍ତେ ବାଉଁଶ ପୋତିବା ପରେ ବିଜେଡି ମଧ ସେହି ସ୍ଥାନରେ ତୋରଣ ନିର୍ମାଣ କାମ ଆରମ୍ଭ କରଛି । ଏହାକୁ ନେଇ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଏନେଇ ସମଗ୍ର ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨୦୨୫ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ପାଇଁ ଆଳି ନୂଆବଜାର ମଧ୍ୟଭାଗରେ ଥିବା ଦୁର୍ଗା ମଣ୍ଡପ ଛକରେ ଭାଜପା ପକ୍ଷରୁ ତୋରଣ ବନ୍ଧା ଚାଲିଥିବା ବେଳେ ଏହାକୁ ବିରୋଧ କରିଥିଲେ ବିଜେଡି କର୍ମୀ । ବିଜେଡି ଗତ ୨୫ ବର୍ଷ ହେବ ଯେଉଁ ସ୍ଥାନରେ ତୋରଣ ବାନ୍ଧି ଆସୁଥିଲା ଚଳିତ ବର୍ଷ ସେହି ସ୍ଥାନରେ ଭାଜପା ତୋରଣ ବାନ୍ଧିବାକୁ ଅଡ଼ି ବସିଥିଲା । ହେଲେ ବିଜେଡି ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ଉଭୟ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଶେଷରେ ପୋଲିସ ସମାଧାନ ପାଇଁ ଥାନାରେ ଏକ ବୈଠକ କରିଥିଲା । ଶୁକ୍ରବାର ଉଭୟ ଦଳର କର୍ମୀ ସେଥିରେ ଯୋଗ ଦେଇଥିଲେ । ହେଲେ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା । ବୈଠକ ପରେ ବିଜେଡି କର୍ମୀମାନେ ଭାଜପା ପକ୍ଷରୁ ବନ୍ଧା ଯାଇଥିବା ତୋରଣ ନିକଟରେ ବାଉଁଶ ପୋତିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା । ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ଉପସ୍ଥିତ ଉପରେ ନଜର ରଖି ୧୬୩ ବିଏନ୍‌ଏସ୍‌ଏସ୍ ଧାରା ଜାରି କରିଛନ୍ତି । ଶନିବାର କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟେରିଆ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ


ନାଟ୍ୟ ମହୋତ୍ସବରେ ଯୋଗଦେଇଥିବା ଅତିଥି।

କେନ୍ଦ୍ରାପଡ଼ା,୨୮।୧୨(ଜଗନ୍ନାଥ ଧଳ)

**କଳାକାରଙ୍କ ନିଖୁଣ ଅଭିନୟରେ ବିଭୋର ଦର୍ଶକ**

ଡେରାବିଶ ବ୍ଲକ ଉଦୟନଗରସ୍ଥିତ ଜିଲା ସଂସ୍କୃତି ଭବନ ପରିସରରେ ସିମ୍ଫୋନି ପକ୍ଷରୁ ଆୟୋଜିତ ୩ ଦିନିଆ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି । ପ୍ରଥମ ଦିନ ୨ ନାଟ୍ୟସଂସ୍ଥା ପକ୍ଷରୁ ନାଟକ ମଞ୍ଚସ୍ଥ ହୋଇଥିଲା । ଭୁବନେଶ୍ୱରର ନାଟ୍ୟସଂସ୍ଥା ଅଜିତ୍ ପକ୍ଷରୁ 'ଏନ୍‌ଏଚ୍ ୩୧୬' ନାଟକ ପରିବେଷଣ କରାଯାଇଥିଲା । ଅଜିତ ଦାସଙ୍କ କାହାଣୀ ଓ ଦୀପକ କୁମାର ପାଣିଙ୍କ ନିର୍ଦ୍ଦେଶନାରେ ଜାତୀୟ ରାଜପଥରେ ମଧ୍ୟ ରାତିର ଏକ ବାସ୍ତବଧର୍ମୀ କାହାଣୀ ଏହି ନାଟକରେ ଉପସ୍ଥାପିତ ହୋଇଥିଲା। ସେହିପରି ନାଟ୍ୟ ସଂସ୍ଥା ଶତାବ୍ଦୀର କଳାକାରମାନେ ନାଟକ 'ଜୀବନ୍ୟାସ' ମଞ୍ଚସ୍ଥ କରିଥିଲେ । ସାମ୍ପ୍ରତିକ ରାଜନୀତି, ଧର୍ମ ଓ ଜନସାଧାରଣଙ୍କ ମନୋଭାବକୁ କଳାକାରମାନେ ନିଖୁଣ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଏହି ନାଟକ ଦର୍ଶକଙ୍କ ମନ ମୋହିଥିଲା। ନାଟକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଏଡିଏମ୍ ନିଲୁ ମହାପାତ୍ର, କଥାକାର ଡ. ରାମଚନ୍ଦ୍ର ବେହେରା, ଶ୍ରଦ୍ଧାନନ୍ଦ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବକୁ ସିମ୍ଫୋନୀର କର୍ମକର୍ତ୍ତା ଡ. ବିନୟ ପ୍ରସାଦ ପ୍ରଧାନ, ସୁକାନ୍ତ ପ୍ରଧାନ, ସ୍ୱପ୍ନାଂଶୁ ଦାସ, ଡ. ଗିରିଜାକାନ୍ତ ଦାସ, ବଂଶୀଧର ମହାନ୍ତି, ଦିବ୍ୟରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଗଣିତ ବିଭାଗରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୨୮।୧୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଗଣିତ ବିଭାଗ ଓ କମ୍ପ୍ୟୁଟର ସାଇନ୍ସ ବିଭାଗର ମିଳିତ ଆନୁକୂଲ୍ୟରେ 'ଡିସ୍କ୍ରିଟ ମାଥାମେଟିକ୍ସ ଆଣ୍ଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଗଣିତ ବିଭାଗର ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ସନ୍ଦର୍ଭ ପାଠ କରିଥିଲେ । ଭୁବନେଶ୍ୱର ସିଲିକନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ପ୍ରୟାଗ ପ୍ରସାଦ ମିଶ୍ର ମୁଖ୍ୟ ଆଲୋଚକ ଓ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ସହକାରୀ ପ୍ରଫେସର ଡ. ସତ୍ୟାନନ୍ଦ ଚମ୍ପତି ରାୟ ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲୋଚନା ଚକ୍ରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆଲୋଚନା ଚକ୍ରରେ ଡ଼ ମିଶ୍ର ଡିସ୍କ୍ରିଟ ମାଥାମେଟିକ୍ସର ମୂଳ ତତ୍ତ୍ୱ ବିଷୟରେ ଆଲୋଚନା କରି ଛାତ୍ରୀଛାତ୍ରମାନଙ୍କ ସହ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ ଥିଲେ । ପ୍ରାଧ୍ୟାପକ ଡ.ସୁନୀଲ କୁମାର ପ୍ରଧାନ ସଂଯୋଜନା କରିଥିଲେ । ଅଧ୍ୟାପକ ଡ ନିର୍ମଳ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲକ୍ସିତ


@ ବର୍ଷା


@ ଦେବରାଜ


@ ଅରୁଣୋଦୟ


@ ଦୁର୍ଯ୍ୟୋଧନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହୋଟେଲରୁ ଶିଶୁ ଶ୍ରମିକ ଉଦ୍ଧାର

ବାଲିକୁଦା,୨୮।୧୨(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅଞ୍ଚଳରୁ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଓ ଚାଇଲ୍ଡ ହେଲ୍ପ ଲାଇନ୍‌ର ମିଳିତ ଉଦ୍ୟମରେ ୧୪ ବର୍ଷର ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ମଙ୍ଗଳ ସମିତିରେ ଶନିବାର ହାଜର କରାଯାଇଛି। ଏହାପରେ ତାଙ୍କୁ ଶିଶୁଯତ୍ନ କେନ୍ଦ୍ରକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଶିଶୁ ବାଲିକୁଦା କାଠଗୋଲାଛକସ୍ଥିତ ଏକ ହୋଟେଲରେ ୧୯ ଦିନ ହେବ କାର୍ଯ୍ୟରତ ଥିଲେ। ହୋଟେଲ ମାଲିକ ତାଙ୍କୁ ମାସିକ ୫୦୦୦ ଟଙ୍କା ଦେବେ ବୋଲି କଥା ଦେଇଥିଲେ। ଏହାପରେ ହୋଟେଲ ମାଲିକ ସମ୍ପୃକ୍ତ ଶିଶୁକୁ ପ୍ରାୟ ୧୦ ଘଣ୍ଟା କାମରେ ଲଗାଉଥିଲେ। ଶିଶୁଟି ସେଠାରେ ପ୍ଲେଟ୍ ସଫାକରିବା ସହ ପରିବା କାଟିବା, ମାଛ ଭାଜିବା, ହୋଟେଲ ଗୃହ ସଫାକରିବା ସହ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଉଥିଲେ ବୋଲି ଜିଲା ଶିଶୁ ମଙ୍ଗଳ ସମିତି ଅଧିକାରିଣୀ ଶକୁନ୍ତଳା ଚୌଧୁରୀ ସୂଚନା ଦେଇଛନ୍ତି। ଏନେଇ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ବାଲିକୁଦା ଥାନାରେ ଏତଲା ଦିଆଯାଇଛି। ଏହି ଉଦ୍ଧାର କାର୍ଯ୍ୟରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର କର୍ମକର୍ତ୍ତା ତଟିନୀ ବିଶ୍ୱାଳ, ସୁଶ୍ରୀ ସଙ୍ଗୀତା ମଲିକ, ହରପ୍ରିୟା ପତି, ରିଙ୍କିନା ସ୍ୱାଇଁ, ଅଜୟ କୁମାର ମହାରଣା ପ୍ରମୁଖ ସହାୟତା କରିଥିଲେ।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ବିଧାୟକ

ନାଉଗାଁ,୨୮।୧୨(ସୁଧା ବେହୁରା):ନାଉଗାଁ ବ୍ଲକ ଅନ୍ତର୍ଗତ ଚାନ୍ଦପୁରା ଗ୍ରାମର ମୃତ ଚାଷୀ ଧ୍ରୁବ ଚରଣ ସ୍ୱାଇଁଙ୍କ ପରିବାରକୁ ଶନିବାର ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଭେଟିବା ସହ ସମବେଦନା ଜଣାଇଛନ୍ତି। ତାଙ୍କ ପରିବାରକୁ ବିଧାୟକ ଦାସ ଆଶ୍ୱାସନା ଦେବା ସହ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ତହସିଲ୍‌ଦାରଙ୍କ ସହ କଥା ହୋଇଛନ୍ତି। ପ୍ରକାଶ ଯେ, ଧ୍ରୁବ ନିଜ ଜମି ସହ ୨ ଏକରରୁ ଉର୍ଦ୍ଧ୍ୱ ଜମିରେ ଭାଗଚାଷ କରିଥିଲେ। ସେ ଧାରକରଜ କରି ଚାଷ କରିଥିଲେ। ଭଲ ଧାନ ମଧ ହୋଇଥିଲା। ଗତ ଲଘୁଚାପ ଜନିତ ବର୍ଷାରେ କଟାଯାଇଥିବା କିଆରିରେ ପାଣି ଜମିବା ସହ ଧାନ ଗଜା ହୋଇଯାଇଥିଲା। ଏହାଦେଖି ୨୫ ଡିସେମ୍ବର ୨୦୨୪ରେ ହଠାତ୍ ସେ ଅସୁସ୍ଥ ହୋଇ ଯାଇଥିଲେ। ତୁରନ୍ତ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତ ଖବର ପ୍ରକାଶ ପରେ ୨୭ ଡିସେମ୍ବର ୨୦୨୪ ରେ ପ୍ରଶାସନ ପକ୍ଷରୁ ତହସିଲ୍‌ଦାର ଅକ୍ଷୟ କୁମାର ବଡୁ ମୃତ ଚାଷୀଙ୍କ ଘରକୁ ଯାଇ ତଦନ୍ତ କରିଥିଲେ।

## ମରାମତିର ୧୦ ଦିନ ପରେ ରାସ୍ତାରୁ ଉଠିଲା ପିଚୁ

ନାଉଗାଁ,୨୮।୧୨(ସୁଧା ବେହୁରା)



ରାସ୍ତା ମରାମତି ହେବାର ମାତ୍ର ଅଳ୍ପଦିନ ମଧ୍ୟରେ ପିଚୁ ଉଠିଗଲାଣି। ଏଭଳି ନିମ୍ନମାନର କାର୍ଯ୍ୟ ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଠଦା-ନନ୍ଦିଗ୍ରାମ ରାସ୍ତାରେ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତ୍‌ସିଂହପୁର ଅଧୀନରେ ରହିଛି। ଉକ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିବାରୁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ମରାମତି କରାଯାଇଥିଲା। ମାତ୍ର ୧୦ ଦିନ ପୂର୍ବେ ରାସ୍ତାକାର୍ଯ୍ୟ ଶେଷ ହୋଇଥିବାବେଳେ ବର୍ତ୍ତମାନ ରାସ୍ତାରୁ ପିଚୁ ଉଠିଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀଙ୍କ ସୂଚନା ମୁତାବକ, ଗୋଠଦାରୁ-ନନ୍ଦିଗ୍ରାମ ୧.୭୦୮ କିମି ରାସ୍ତା ପାଇଁ ବିଭାଗ ପକ୍ଷରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। କିନ୍ତୁ ରାସ୍ତା ନିର୍ମାଣ ସମୟରେ ନିଯୁକ୍ତ ଠିକାଦାର ଖୋଲାଖୋଲି ଭାବେ ସରକାରୀ ନିୟମକୁ ଉଲ୍ଲଂଘନ କରିଥିବା ଚର୍ଚ୍ଚା ହେଉଛି। ରାସ୍ତା ମରାମତି ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ଲଗାଯିବା କଥା କିନ୍ତୁ ରାସ୍ତା ମରାମତି କାର୍ଯ୍ୟ ସରିଥିଲେ ମଧ ଏପର୍ଯ୍ୟନ୍ତ ସୂଚନାଫଳକ ଲଗାଯାଇନାହିଁ। ସେହିପରି ରାସ୍ତାର ଅଧିକାଂଶ ସ୍ଥାନରେ ପିଚୁସ୍ତର କମ୍ ରହିଥିବାରୁ ପିଚୁ ଉଠିବା ସହ ବ୍ୟବହୃତ ବଜୁରି ମଧ ଉଠିଗଲାଣି। ଉକ୍ତ ରାସ୍ତା ଗୋଠଦାରୁ ନନ୍ଦିଗ୍ରାମ ଦେଇ ଜାମୁଗାଁ ପଞ୍ଚାୟତ, ବାଲିକୁଦା ବ୍ଲକ ଆଦିକୁ ସଂଯୋଗ କରୁଥିବାବେଳେ ପ୍ରତ୍ୟହ ସ୍ଥାନୀୟ ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ନିମ୍ନମାନର କାର୍ଯ୍ୟ କରାଯାଇଥିବା ରାସ୍ତାକୁ ତଦନ୍ତ କରି ପୁନର୍ବାର କାର୍ଯ୍ୟ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ ଏହି କାର୍ଯ୍ୟର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

**ଗୋଠଦା-ନନ୍ଦିଗ୍ରାମ ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା**

- ଲାଗିନାହିଁ ସୂଚନାଫଳକ
- ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

## ଦୂରଦର୍ଶୀସମ୍ପନ୍ନ ଅର୍ଥନୀତିଜ୍ଞ ଥିଲେ ମନମୋହନ ସିଂ

**ଜିଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା**

ଜଗତ୍‌ସିଂହପୁର, ୨୮।୧୨ (ପ୍ରମୋଦ କୁମାର ନାୟକ)


କଂଗ୍ରେସ କର୍ମୀମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ ପୌରୋହିତ୍ୟ କରି କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଦେଶର ଜଣେ ଦୂରଦର୍ଶୀସମ୍ପନ୍ନ ଅର୍ଥନୀତିଜ୍ଞ ସହ ଜନପ୍ରିୟ ରାଜନେତା ଥିଲେ। ତାଙ୍କ ବିୟୋଗରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ଏହି ଅବସରରେ ଦଳର ନେତାମାନେ ମନମୋହନଙ୍କ ଉଦାରବାଦୀ ନୀତିର ଭୂୟସୀ ପ୍ରଶଂସା କରିବା ସହ ବ୍ୟକ୍ତିତ୍ୱ, ନିଷ୍ଠା, ସଚ୍ଚୋଟତା ଆଦିକୁ ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ଜିଲା କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ. ନଳିନୀ କୁମାର ସ୍ୱାଇଁ, ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ପ୍ରଦେଶ କଂଗ୍ରେସ ସଭ୍ୟ ଦେବପ୍ରସାଦ ନାୟକ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ବିକ୍ରମ ପରିଡ଼ା, ମାନସ କୁମାର ରଥ, ଶ୍ରମିକ ନେତା ବେଦଦ୍ୟୁତି ପୃଷ୍ଟି, ମହନି ଚରଣ ରାଉତ, ଅଭୟ କୁମାର ମହାନ୍ତି, ମିନୁ ଚୌଧୁରୀ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ଆର୍ତ୍ତତ୍ରାଣ ପଣ୍ଡା, ଜୟପ୍ରକାଶ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ୧୯୯୪ ବ୍ୟାଚର ବନ୍ଧୁମିଳନ

ରାହାମା,୨୮।୧୨(ଶ୍ରୀକାନ୍ତ ଦାସ )

ତିର୍ତ୍ତୋଲ ବ୍ଲକ ଦାଇଁଲୋ ପଞ୍ଚାୟତ ଲଙ୍ଗଳମଠାରେ ଭଗିନୀ ନିବେଦିତା ବିଦ୍ୟାପୀଠର ୧୯୯୪-୯୫ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିର ଉକ୍ତ ବ୍ୟାଚର ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ପରିବାର ବର୍ଗ ଯୋଗଦେଇଥିଲେ। ଏହି ଅବସରରେ ବ୍ୟାଚର ୪ଜଣ ବନ୍ଧୁଙ୍କ ପରଲୋକରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ରବିନାରାୟଣ ନନ୍ଦ, ଦେବାଶିଷ ଦାସ, ମାନସ ରଞ୍ଜନ ପୃଷ୍ଟି, ଦୀନେଶ ରାଉତ, ଅମ୍ବିକା ପ୍ରସାଦ ମହାପାତ୍ର, ନଗେନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତ ମହାପାତ୍ର, ସୁଶାନ୍ତ ମିଶ୍ର, ବଟକୃଷ୍ଣ ମହାନ୍ତି, ରମେଶ ବେହେରା, କୈଳାଶ ସାହୁ, ମାମା ଦାଶ, ପୁଷ୍ପରାଣୀ ସୁତାର, ପାର୍ବତୀ ସାହୁ, କାଦମ୍ବିନୀ ବାରିକ ପ୍ରମୁଖ ଯୋଗଦେଇ ସେମାନଙ୍କ ଅଭୁଲା ସ୍ମୃତିକୁ ବଖାଣି ଥିଲେ।

**ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ**

ନୟାଗଡ଼,(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ଇଟାମାଟି ଥାନା ସାଲୁଣି ଗାଁର ଦାଶରଥି ପ୍ରଧାନ(୯୦)ଙ୍କ ପୋଖରୀରେ ବୁଡ଼ି ଶନିବାର ମୃତ୍ୟୁ ହୋଇଛି । ଦାଶରଥି ଶନିବାର ସକାଳେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଉ ଥିବାବେଳେ ପୋଖରୀରେ ପଡି ପ୍ରାଣ ହରାଇଥିଲେ । ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



# ଚାଷୀଙ୍କ ପାଇଁ ବିଜେଡିର ବିକ୍ଷୋଭ

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ଅଦିନିଆ ଲଗାଣ ବର୍ଷାରେ ନୟାଗଡ଼ ଜିଲାରେ ନଷ୍ଟ ହୋଇଥିବା ଧାନ ଫସଲର ଠିକ ଆକଳନ ଓ କ୍ଷତିପୂରଣ ଦାବିରେ ଶନିବାର ବିଜେଡି ପକ୍ଷରୁ ବିକ୍ଷୋଭ ହୋଇଛି। ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବିଜେଡି ନେତ୍ରୀ ଇରାନୀ ରାୟ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଓ ଦାବିପତ୍ର କାର୍ଯ୍ୟକ୍ରମ ନୟାଗଡ଼ ପଠାଣି ସାମନ୍ତ ଜିଲା ସଂସ୍କୃତି ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଯୋଗ ଦେଇ କହିଥିଲେ ନବୀନ ସରକାର ସମୟରେ ଚାଷୀଙ୍କ ପାଇଁ ପ୍ରଶାସନ


ବିକ୍ଷୋଭ ପ୍ରଦର୍ଶନ ବେଳେ ବିଜେଡି କର୍ମୀମାନେ ବର୍ଷାରେ ଭିଜିଥିବା ଧାନ ଦେଖାଉଛନ୍ତି।

ତତ୍ପର ରହୁଥିଲା। ମୋହନ ସରକାର ଚାଷୀଙ୍କୁ ଅଣଦେଖା କରୁଛି। ଏଣୁ ଜିଲାର ୧୭୦୨ ଗାଁରେ ଆଜି ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏଫ୍ଏକ୍ୟୁ ମାନ ନାଁରେ ସରକାର ଚାଷୀଙ୍କ ସହ ଛଳନା କରାଯାଉଛି। ଦରଦାମବୃଦ୍ଧି ବିରୋଧରେ ଲଢେଇ ହେବ । ଲୋକଙ୍କ ହୃଦୟରୁ କେହି ନବୀନ ଛାପ ହଟାଇ ପାରିବେ ନାହିଁ ବୋଲି କହିଥିଲେ। ଭାପୁର ବ୍ଲକ ଉପାଧ୍ୟକ୍ଷ କହିଥିଲେ ଚାଷୀକୁଳ ପ୍ରତି ଭାରତୀୟ ଜନତା ପାର୍ଟିର ବୈମାତୃକ ମନୋଭାବ ବିରୋଧରେ ଜୋରଦାର ଲଢ଼େଇ ହେବ । ଇରାନୀ ରାୟ ତାଙ୍କ ବକ୍ତବ୍ୟରେ ଭୀମ ବଳ କୁନ୍ତିଙ୍କୁ ଜଣା ବୋଲି କହିଥିଲେ। ମୁଁ ସେ ଦଳରେ ଥିଲି, ସେ ଦଳ କ'ଣ ମୁଁ ଠିକ ଜାଣିଛି । ରଣପୁର ପୂର୍ବତନ ବିଧାୟକ କହିଥିଲେ ବିଜେଡି ଚାଷୀଙ୍କ ପାଇଁ ଲଢେଇ ବଜାୟ ରଖିବ। ଦଶପଲ୍ଲା ବିଧାୟକ କହିଥିଲେ ଅମଳ ହୋଇଥିବା ଧାନ ମଣ୍ଡିକୁ ଚାଷୀ ଆଣି ପାରୁ ନ ଥିବା ବେଳେ ବିଲରେ ପଡ଼ିଥିବା ଧାନ ଗଜା ହୋଇଗଲାଣି। ନୟାଗଡ଼ ବିଧାୟକ କହିଥିଲେ ଏ ସରକାର କଟନି ଛଟନିର ସରକାର। ଯାହା ପ୍ରତିଶ୍ରୁତି ଦେଇଥିଲେ, ସବୁ ଯୋଜନାରେ ଓ ସବୁ ପ୍ରସଙ୍ଗରେ କଟନି ଛଟନି ଆରମ୍ଭ କରିଛନ୍ତି। ମନ୍ତ୍ରୀ ବାଇଗଣ ୪ ଟଙ୍କାରେ ମିଳୁଛି କହି ଓଡ଼ିଶାବାସୀଙ୍କୁ ତାଚ୍ଛଲ୍ୟ କରୁଛନ୍ତି। ଗଞ୍ଜେଇ ଗାଡ଼ି ଧରା ହେଲେ ଏ ସରକାର ପଲିଟିକାଲ ପ୍ରେସର ପକାଇ ଛଡ଼ାଇ ଦେଉଛନ୍ତି। କିନ୍ତୁ ବର୍ଷାକୁ ପଲିଟିକାଲ ପ୍ରେସର ପକାଇ ପାରିଲେ ନାହିଁ। ନଭେମ୍ବର ଓ ଡିସେମ୍ବର ମାସରେ ବର୍ଷା ହେବା ଅସ୍ୱାଭାବିକ। ରାଜ୍ୟକୁ ଅମଙ୍ଗଳ ପଡ଼ିଲେ, ଏଭଳି ହୋଇଥାଏ । ଦଲାଲମାନେ ଚାଷୀଙ୍କଠାରୁ ୧୯ ଶହ ଟଙ୍କାରେ ଧାନ କିଣି ନେଲେଣି। ଜିଲାରେ ଏଯାଏଁ ମଣ୍ଡି ଆରମ୍ଭ ହୋଇନି ବୋଲି କହିଥିଲେ। ଅନ୍ୟପକ୍ଷେ ପୁଣି କହିଥିଲେ ଆଜିଠାରୁ ବିଜେଡିର ଆନ୍ଦୋଳନ ଆରମ୍ଭ ହେଲା। ତୁରନ୍ତ ସର୍ଭେ କରି କ୍ଷତିପୂରଣ ଦିଅ। ଯଦି ଖେଳିବ, ତେବେ ଚାଷୀକୁଳ ରାଜରାସ୍ତାରେ ଖେଳ କରିବ। ୨୦୨୫ ବର୍ଷ ହେଉଛି ଲଢେଇର ବର୍ଷ। ଡବଲ ଇଞ୍ଜିନ, ଡବଲ ଶୋଷଣ, ଡବଲ କଷଣ ବୋଲି ବିଧାୟକ କହିଥିଲେ।

**■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର**

**■ କ୍ଷୟକ୍ଷତିର ଠିକ୍ ଆକଳନ ଓ କ୍ଷତିପୂରଣ ତୁରନ୍ତ ନ ଦେଲେ ପୁଣି ଆନ୍ଦୋଳନ**

ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପକ୍ଷାଧ୍ୟ ଗୁରୁପ୍ରସାଦ ଜେନା, ଦଶପଲ୍ଲା ଏନ୍ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶନୀ, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲା ପରିଷଦ ସଦସ୍ୟ ବିରଜା ଲକ୍ଷ୍ମୀ ସାହୁ, ସୁବାସ ଚନ୍ଦ୍ର କହଁର, ହରିଶ୍ଚନ୍ଦ୍ର ଜାନୀ, ବସନ୍ତ କୁମାର ପ୍ରଧାନ, ସଂଯୁକ୍ତା ପଢିଆରୀ, କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂହ, ସତ୍ୟଭାମା ନାୟକ, ନୟାଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ବିଜେଡି ଛାତ୍ର ସଭାପତି ନୀଳମାଧବ ପଣ୍ଡା, ନୟାଗଡ଼ ବ୍ଲକ ସଭାପତି ଅଜିତ ପ୍ରସାଦ ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ କର୍ମୀ ଓ ଚାଷୀ ସାମିଲ ହୋଇଥିଲେ।

## ଭାପୁରରେ ଫସଲ କ୍ଷୟକ୍ଷତିର ଆକଳନ ଆରମ୍ଭ

ନୟାଗଡ଼/ଭାପୁର, ୨୮।୧୨
(ଲୋକନାଥ ମିଶ୍ର/ ଭରତ ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ଅଞ୍ଚଳରେ ଲଘୁଚାପଜନିତ ଅଦିନିଆ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଯାବତ ୬୦ ପ୍ରତିଶତ ଧାନ କଟା ହୋଇ ବିଲରେ ପଡ଼ି ରହିଛି। ବିଲରେ କଟା ହୋଇଥିବା ଧାନ ଗଜା ବାହାରିବା ଆରମ୍ଭ କଲାଣି। ଅଧିକାଂଶ ଚାଷୀଙ୍କ ଧାନ ବର୍ଷା ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ଏଭଳିସ୍ଥଳେ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଭାପୁର ତହସିଲଦାର ଅର୍ଜୁନ କୁମାର ପ୍ରଧାନ, ଭାପୁର କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ , ରାକମା ଆରଆଇ ରଞ୍ଜିତା ସାହୁ, ଭାପୁର ଆରଆଇ ବିଷ୍ଣୁପ୍ରିୟା ବେହେରା, ମାରଡା ଆରଆଇ ସସ୍ମିତା ସାହୁ, ଶାଳପଡା ଆରଆଇ ଚିତ୍ତ ରଞ୍ଜନ



ବେହେରା, ବାଘୁଆପଲ୍ଲୀ ଆରଆଇ ସୁଦୀପ କୁମାର ପଟ୍ଟନାୟକ , ଫତେଗଡ଼ ଇନଚାର୍ଜ ଆରଆଇ ଲକ୍ଷ୍ମୀପ୍ରିୟା ସାହୁ , ଗୋଳାପୋଖରୀ ଇନଚାର୍ଜ ଆରଆଇ ସଞ୍ଜଳା ମାଝୀ, ପଥରଚକଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମାଝୀ, ବଡସହରା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟ ନାରାୟଣ ପ୍ରମୁଖ କ୍ଷୟକ୍ଷତି ଆକଳନ କରୁଛନ୍ତି। କୃଷି ଅଧିକାରୀଙ୍କ ସୂଚନା ଅନୁଯାୟୀ ପାଟ ଅଞ୍ଚଳର ଧାନ ଫସଲ ବ୍ୟାପକ ନଷ୍ଟ ହୋଇଥିବା ଦେଖାଦେଇଛି। ଚାଷୀମାନେ ମଧ କ୍ଷୟକ୍ଷତି ସଂକ୍ରାନ୍ତରେ ପ୍ରଶାସନକୁ ଜଣାଇଛନ୍ତି। ଆକଳନ ଶେଷ ପରେ ପ୍ରକୃତ କ୍ଷୟକ୍ଷତି ଜଣା ପଡିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି ।

## ୭ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ରଣପୁର,୨୮।୧୨(ସୁକାନ୍ତ କିଶୋର ଡାକୁଆ)

ରଣପୁର ଥାନାର ରାଜସୁନାଖଲା ଫାଣ୍ଡି ପୋଲିସ ଶୁକ୍ରବାର ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କଠାରୁ ୭ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ଶରଣକୁଳ ଥାନା ନରେନ୍ଦ୍ରପୁର ମାଳିସାହି ଗ୍ରାମର କାଳିଆ ରାଉତଙ୍କୁ ଗିରଫ କରାଯାଇଛି । ଜାମିନ ନାମଞ୍ଜୁର ପରେ କାଳିଆଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ବ୍ରାଉନ ସୁଗାର ବିକ୍ରିପାଇଁ କାଳିଆ ଖୋର୍ଦ୍ଧାରୁ ବ୍ରାଉନ ସୁଗାର ଆଣି ସେ ଶରଣକୁଳ ଯାଉଥିବା ବେଳେ ରାଜସୁନାଖେଳା ଫାଣ୍ଡି ଅଧିକାରୀ ପ୍ରୀତିପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଗଠିତ୍ ଟିମ୍ ହାତରେ ସେ ଧରାପଡିଥିଲେ। ଏନେଇ ରଣପୁର ଥାନାରେ ଏକ ମାମଲା (୪୧୩/୨୪) ରୁଜୁ ହୋଇଛି ।

## ଡିମିଶର ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ

ଶରଣକୁଳ,୨୮।୧୨(ଦୀପକ କର)

ଡିମିଶର ପଞ୍ଚାୟତର ଜଗନ୍ନାଥ ମଣ୍ଡପଠାରେ ଭାଜପାର ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡିମିଶର ଗ୍ରାମର ଯୁବନେତା ହୃଷିକେଶ ବିଶୋଇଙ୍କ ତତ୍ତ୍ୱାବଧାନରେ ମଣ୍ଡଳ ସଭାପତି ବସନ୍ତ ମହାନ୍ତି, ଭାଜପା ସାଙ୍ଗଠନିକ ସଭାପତି ବୈଦ୍ୟ ନାୟକ, ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଓ ଡିମିଶର ଭାଜପା ସାଙ୍ଗଠନିକ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଅତିଥିଭାବେ ବିପିନ ପାଢ଼ୀ ଯୋଗ ଦେଇଥିଲେ। ମିଶ୍ରଣ ପର୍ବରେ ଡିମିଶର ଗ୍ରାମର ଅବସରପ୍ରାପ୍ତ ଜିଲା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଜୟକୃଷ୍ଣ ନାୟକଙ୍କ ପରିବାର ସହ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ ।


ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲକ୍ସିତ


@ ବର୍ଷା


@ ଦେବରାଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଗୋକୁଳାନନ୍ଦ ସ୍ପୋର୍ଟସ କ୍ରିକେଟ୍: ପଦାମାଳ ଟିମ୍ ବିଜୟୀ

ଖଣ୍ଡପଡା,୨୮।୧୨(ଅଜୟ ମହାରଣା)

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ୨୭ତମ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଏମ୍ଇ ସ୍କୁଲ ଖେଳ ପଡ଼ିଆଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଶନିବାର ୨ୟ ଦିନର ଟୁର୍ନାମେଣ୍ଟରେ ପଦାମାଳ କ୍ରିକେଟ ଟିମ୍ ୪ ଉଇକେଟରେ କାଠଖୁଣ୍ଟ କ୍ରିକେଟ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି । ଟସ୍ ଜିଣି ପଦାମାଳ ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରିଥିଲା । ଜବାବରେ କାଠଖୁଣ୍ଟ ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୪ ରନ କରିବାକୁ ସକ୍ଷମ ହୋଇଥିଲା । ଖେଳକୁ ସନାତନ ବେହେରା ଓ ଦିନେଶ କୁମାର ମହାଳିକ ପରିଚାଳନା କରିଥିଲେ। ସିଧାମୂଳା ଗ୍ରାମ କମିଟି ସଭାପତି ଉଦ୍ୟନାଥ ମିଶ୍ର, ସମ୍ପାଦକ ପିତବାସ ମନ୍ତ୍ରୀ ଓ ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ନାୟକ ଅତିଥି ରୁପେ ଯୋଗ ଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

## ଜଣଙ୍କୁ ଅଟକ ରଖି ପୋଲିସର ତଦନ୍ତ

**ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ହୋର୍ଡିଂ ଚିରିବା ଘଟଣା**

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋ ଥିବା ହୋର୍ଡିଂ ଚିରିବା ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି। ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର ଅଟକ ରଖିବା ଘଟଣାକୁ ସ୍ୱୀକାର କରିଛନ୍ତି । ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ମହୋତ୍ସବକୁ ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂ ଲାଗିଥିଲା । ତେବେ କେତେକ ହୋର୍ଡିଂକୁ ଜାଣିଶୁଣି ଚିରା ଯାଇଥିଲା । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

## ଏପ୍ରିଲ ୬ରୁ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା

ଦଶପଲ୍ଲା,୨୮।୧୨( ପ୍ରକାଶ କୁମାର ପାଣି)

ଦଶପଲ୍ଲାର ଶ୍ରୀଶ୍ରୀ ରଘୁନାଥଜୀଉଙ୍କ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ୨୦୨୫ ବର୍ଷର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଯାତ୍ରା କମିଟିର କାର୍ଯ୍ୟକର୍ତ୍ତା ଓ ରାମ ନାଟକ କଳାକାରମାନେ ସମ୍ମିଳିତ ଭାବେ ଏହି ସୂଚୀ ପ୍ରକାଶ କରିଛନ୍ତି । ଯାତ୍ରା ପରିଚାଳନା କମିଟି ଲଙ୍କା ପୋଡ଼ି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଆରମ୍ଭ ହୋଇଛି । ଏହି ଯାତ୍ରା ୨୨୨ ବର୍ଷ ହେଲା ଦଶପଲ୍ଲାରେ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆସନ୍ତା ଏପ୍ରିଲ ୬ରେ ଯାତ୍ରା ଆରମ୍ଭ ହେବ ବୋଲି କାର୍ଯ୍ୟସୂଚୀରୁ ଜଣାପଡ଼ିଛି। ୬ରେ ଶ୍ରୀରାମ ଜନ୍ମ, ୭, ୮ ଓ ୯ ତାରିଖ ବିଶ୍ରାମ ଦିବସ ଥିଲା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୦ ତାରିଖ ଜାଗ ରକ୍ଷା,ତାଡ଼କାବଧ, ଧନୁଭଙ୍ଗ ହେବ। ୧୧ରେ ବିବାହ ଓ ପର୍ଶୁରାମ ଭେଟ, ୧୨ରେ ଗଣ୍ଡାବଧ, ୧୩ରେ ବନବାସ ଓ ଭରତ ମିଳନ ହେବ। ୧୪ରେ ବିଶ୍ରାମ ,ସାଂସ୍କୃତିକ କାର୍ଯ୍ୟକ୍ରମ,୧୫ରେ ବିରାଧ ବଧ, ବେଢ଼ା ପରିକ୍ରମା ଓ ପଞ୍ଚବଟି ପ୍ରବେଶ ହେବ। ୧୬ରେ ସୀତାହରଣ, ୧୭ରେ ବିଶ୍ରାମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୮ରେ ଶ୍ରୀରାମ ବିଳାପ, ଶବରୀ ମୋକ୍ଷ,୧୯ ରେ ବାଳିବଧ, ସୁଗ୍ରୀବ ଅଭିଷେକ, ପ୍ରବେଶ,୨୦ରେ ସୀତାଠାବ, ୨୧ରେ କୁମ୍ଭକର୍ଣ୍ଣ ବଧ, ୨୨ରେ ଲଙ୍କାପୋଡ଼ି ଯାତ୍ରା, ରାବଣ ବଧ ହେବା ସହ ୨୩ରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ହେବ ।

## ରାସ୍ତା ଜବରଦଖଲ କରୁଛନ୍ତି ବ୍ୟବସାୟୀ

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସହରର ଓଡ଼ଗାଁ ଛକ, ଷ୍ଟେଟବ୍ୟାଙ୍କ ରାସ୍ତାରେ ପରିବା ଦୋକାନୀ, ତେଜରାତି ଦୋକାନୀ ସବୁବେଳେ ରାସ୍ତା ଉପରେ ଦୋକାନ ଉପକରଣ ରଖି ବ୍ୟବସାୟ କରୁଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ପରେ ସୁଫଳ ମିଳୁନି । ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ମ୍ୟୁନିସିପାଲିଟି ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ବ୍ୟବସାୟୀମାନେ ଦୋକାନ ସାମଗ୍ରୀ ଦୋକାନ ଭିତରକୁ ନେଇ ଯାଇଥିଲେ । ତେବେ ମ୍ୟୁନିସିପାଲିଟି କର୍ମଚାରୀ ଚାଲିଯିବା ପରେ ଯଥା ପୂର୍ବଂ ତଥା ପର ଅବସ୍ଥା ହୋଇଥିଲା । ସ୍ଥାନୀୟ ଲୋକେ କହିଛନ୍ତି ଲୋକ ଦେଖାଣିଆ ଚଢ଼ାଉ ଯୋଗୁ କୌଣସି ସୁଫଳ ମିଳି ନାହିଁ ।

**ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଆରମ୍ଭ**

## ୩ ପ୍ରତିଯୋଗୀ ସେମିଫାଇନାଲକୁ ଉତ୍ତୀର୍ଣ୍ଣ

ନୂଆଗାଁ,୨୮।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ଭକ୍ତି ସଙ୍ଗୀତ ପ୍ରତିଯୋଗିତା ସଙ୍ଗୀତଧାରା ପ୍ରତିଯୋଗିତା ଶନିବାର ନୂଆଗାଁ ବ୍ଲକ ଯୁକ୍ତ ୩ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତରେ ୩ ଜଣ ପ୍ରତିଯୋଗୀ ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ନୟାଗଡ଼ ଜିଲା ସଙ୍ଗୀତଧାରାର ସଭାପତି ବିଜୟ କୁମାର ଚୌଧୁରୀ ଓ ସମ୍ପାଦକ ପ୍ରଶାନ୍ତ କୁମାର ଦାଶଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଂଯୋଜକ ଲକ୍ଷ୍ମୀଧର ସାହୁ , ଅଶୋକ ମଲ୍ଲ , ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ନୂଆଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ , ମହାବିଦ୍ୟାଳୟ ଓ ସଙ୍ଗୀତାନୁଷ୍ଠାରୁ ୧୪ରୁ ୨୪ ବର୍ଷ ବୟସର କଣ୍ଠଶିଳ୍ପୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ କଣ୍ଠଶିଳ୍ପୀ ଶକ୍ତିମାନ ସ୍ୱାଇଁ , ମୋନାଲିସା ପ୍ରଧାନ ଓ ମିନତୀ ନାୟକ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲାର ୮ ବ୍ଲକରେ ହୋଇ ସାରିବା ପରେ ନୟାଗଡ଼ଠାରେ ଚୂଡ଼ାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଫାଇନାଲ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ସଙ୍ଗୀତ କଲ୍ଲୋଳ ଉପାଧି ସହ ୧୧ ହଜାର ଟଙ୍କା , ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୩ ହଜାର ଟଙ୍କା ପୁରସ୍କାର ଭାବେ ପ୍ରଦାନ କରାଯିବ। ଆସନ୍ତା ଜାନୁଆରୀ ୫ ତାରିଖରେ ନୟାଗଡ଼ଠାରେ ସେମି ଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।



ଭକ୍ତି ସଙ୍ଗୀତ ପ୍ରତିଯୋଗିତାରେ ଅତିଥିଙ୍କ ସହ ପ୍ରତିଯୋଗୀ ।

## କଲେଜ ବାର୍ଷିକ ଉତ୍ସବ ବାତିଲ

ନୂଆଗାଁ,୨୮।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୬ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହେବାକୁ ଥିଲା । ହେଲେ ସେହି କାର୍ଯ୍ୟକ୍ରକୁ ବାତିଲ କରାଯାଇଛି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂଙ୍କ ଦେହାନ୍ତ ଯୋଗୁ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଶନିବାର ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶୋକସଭା ପାଳନ କରାଯିବା ସହ ବାର୍ଷିକ ଉତ୍ସବକୁ ବାତିଲ କରାଯାଇଛି ବୋଲି ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀଙ୍କ ନୟାଗଡ଼ ଗସ୍ତ ଚାଷୀଙ୍କ ସହ ଫସଲ କ୍ଷୟକ୍ଷତି ନେଇ ଆଲୋଚନା କରିବେ

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ନୟାଗଡ଼ ଗସ୍ତ କରିବେ । ରଣପୁରରେ ପହଞ୍ଚି ପୂର୍ବାହ୍ନ ୧୧ଟାରେ ଅଦିନିଆ ବର୍ଷାରେ ଖରିଫ ଫସଲ ନଷ୍ଟ ଉପରେ ଚାଷୀଙ୍କ ସହ ଆଲୋଚନା କରିବେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦେଖି ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି । ତେବେ କ୍ଷୟକ୍ଷତି ସହାୟତା କିପରି ଶୀଘ୍ର ମିଳିବ ସେ ନେଇ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ।

## ଫାଇନାଲରେ ଓଡ଼ିଶା ପୋଲିସ


ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଶନିବାର ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ**

ଶରଣକୁଳ,୨୮।୧୨(ଦୀପକ କର)

ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଶନିବାର ୨ୟ ସେମିଫାଇନାଲରେ ଓଡ଼ିଶା ପୋଲିସ ୩–୦ଗୋଲରେ ତାମିଲନାଡୁ ପୋଲିସକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଥିଲା। ଦ୍ୱିତୀୟାର୍ଦ୍ଧର ୧୬ ମିନିଟରେ ଓଡ଼ିଶା ପୋଲିସ ୧୪ନଂ. ଖେଳାଳି ତୁଳସୀ ମୁଣ୍ଡା ଏକ ଗୋଲ ଦେଇଥିଲେ । ୨୬ ମିନିଟ ଓ ୪୩ ମିନିଟରେ ୧୩ନଂ ଖେଳାଳି ମନୀଷା ନାଏକ ୨ଟି ଗୋଲ ସ୍କୋର କରିଥିଲେ । ଫଳରେ ଦଳ ବିଜୟ ସହ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥିଭାବେ ଓଡ଼ଗାଁ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ପାତ୍ର, ଶିଳ୍ପପତି ତାପସ ରଞ୍ଜନ ପାଢ଼ୀ, ବ୍ୟବସାୟୀ ବାପି ପୃଷ୍ଟି, ସାମାଜିକ କର୍ମୀ ଅଜାତି ରାଉତଙ୍କ ସହ ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ହରିହରପୁର ସରପଞ୍ଚ ବିଳାସିନୀ ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ସର୍ବଶ୍ରେଷ୍ଠ ଖେଳାଳିଭାବେ ଓଡ଼ିଶା ପୋଲିସର ମନୀଷା ନାୟକଙ୍କୁ ଟ୍ରଫି ସହ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ରବିବାର ଫାଇନାଲ ମ୍ୟାଚ୍ ଓଡ଼ିଶା ପୋଲିସ ବନାମ ଏସ୍ଏସ୍‌ବି ନୂଆଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହେବ । ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଓ ତାଙ୍କ ସାଥୀ କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ଜଣାଇଛନ୍ତି ।

